ଧରିତ୍ରୀ
DHARITRI
ଗୁରୁବାର, ୭ ଜୁଲାଇ ୨୦୨୨

## ବାଘୁଆରେ ପଶିଲା ଦନ୍ତା

ହାଟଡିହି,(ଡି.ଏନ.ଏ.): କେନ୍ଦୁଝର ଜିଲା ହାଟଡିହି ବ୍ଲକ ହଦଗଡ଼ ଅଭୟାରଣ୍ୟରୁ ଏକ ଦନ୍ତା ଜନବସତି ମୁହାଁ ହୋଇଛି। ଦନ୍ତାଟି ବାଘୁଆ ଅଞ୍ଚଳରେ ଉପଦ୍ରବ କରିଛି। କିନ୍ତୁ କାହାରି କୌଣସି କ୍ଷତି ଘଟି ନ ଥିବା ଜଣାପଡିଛି। ହଦଗଡ଼ ରେଞ୍ଜର ସୁମିତ ମହାନ୍ତିଙ୍କ ସୂଚନା ଅନୁସାରେ ଗତ ମଙ୍ଗଳବାର ରାତିରେ ଦନ୍ତା ନିକଟସ୍ଥ ଡ୍ୟାମ ତଳେ ଥିଲା। ବର୍ଷା ହେବାରୁ ସେ ବାଘୁଆ ଅଞ୍ଚଳକୁ ପ୍ରବେଶ କରିଛି। ଦନ୍ତାର ପାଦ ଚିହ୍ନ ଦେଖି ତାର ଗତିପଥକୁ ଚିହ୍ନଟ କରାଯାଇଛି। କାହାରି କିଛି କ୍ଷତି ନ ହେବା ପାଇଁ ସତର୍କ ଦୃଷ୍ଟି ରଖାଯାଇଛି। ଏଥିସହ ଦନ୍ତାକୁ ଜଙ୍ଗଲ ଭିତରକୁ ଘଉଡ଼ାଇବା ପାଇଁ ବିଭିନ୍ନ ସ୍ଥାନରେ କର୍ମଚାରୀ ନିୟୋଜିତ କରାଯାଇଛି।



## ସଂକ୍ଷେପରେ

### ଡିହିରାକୁଳ ଶ୍ରୀଗୁଣ୍ଡିଚା ମନ୍ଦିରରେ ଭକ୍ତଙ୍କ ଭିଡ଼

ଉଦଳା,୬।୭(ଡି.ଏନ.ଏ.)- ଉଦଳା ବ୍ଲକ ଅଧୀନ ଡିହିରାକୁଳରେ ଧୁମଧାମରେ ରଥଯାତ୍ରା ଉତ୍ସବ ପାଳିତ ହୋଇଯାଇଛି। ରଥାରୂଢ଼ ଚତୁର୍ଦ୍ଧାଦେବ ଶ୍ରୀଗୁଣ୍ଡିଚା ମନ୍ଦିରରେ ଅବସ୍ଥାପିତ ସମୟରେ ଦୈନନ୍ଦିନ ଶ୍ରଦ୍ଧାଳୁଙ୍କର ଭିଡ଼ ଲାଗି ରହୁଛି। ଶ୍ରୀ ଜୀଉଙ୍କର ଦୈନନ୍ଦିନ ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଉଛି। ସନ୍ଧ୍ୟା ଆଳତୀ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ବେଳେ ଦୈନନ୍ଦିନ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ବୁଧବାର ପ୍ରସାଦ ସେବନ କାର୍ଯ୍ୟକ୍ରମରେ ଉଦଳା ଉପଜିଲାପାଳ ଭଗବାନ ବେହେରା, ଉପଖଣ୍ଡ ପୋଲିସ ଅଧିକାରୀ ସାର୍ଥକ ରାୟ, ଆଇଆଇସି ନିରୋଜ କୁମାର ସାମଲଙ୍କ ସମେତ ବହୁ ଅଧିକାରୀ ଯୋଗ ଦେଇଥିଲେ।

### ମହିଳାଙ୍କୁ ଆକ୍ରମଣ: ହୋମଗାର୍ଡ ଗିରଫ

ମୋରଡା,୬।୭(ଡି.ଏନ.ଏ)- ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ମୋରଡ଼ା ଗ୍ରାମର ଜନୈକା ମହିଳାଙ୍କୁ ଅକ୍ରମଣ ଅଭିଯୋଗରେ ପୋଲିସ ଜଣେ ହୋମଗାର୍ଡଙ୍କୁ ଗିରଫ କରିଛି। ସେ ହେଲେ ମାଳିହତା ଗ୍ରାମର ତରଣୀ ମହାନ୍ତ। ସେ ମୋରଡ଼ା ଥାନାରେ କାର୍ଯ୍ୟ କରୁଛନ୍ତି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା (ନଂ.୧୫୯/୨୨) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ଉକ୍ତ ଗ୍ରାମର ରତୀନ୍ଦ୍ର ମହାନ୍ତଙ୍କ ସ୍ତ୍ରୀ ଘରେ ରୋଷେଇ କରୁଥିବା ବେଳେ ତରଣୀ ତାଙ୍କୁ ହଠାତ ଏକ ଲୁହାରଡ୍‌ରେ ଆକ୍ରମଣ କରି ଫେରାର ହୋଇ ଯାଇଥିଲେ। ପରିବାର ଲୋକେ ଆହତ ମହିଳାଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିବା ସହ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଆକ୍ରମଣର କାରଣ ସ୍ପଷ୍ଟ ହୋଇନି।

### ଦୁର୍ଘଟଣାରେ ଯୁବକ ମୃତ

ବାସୁଦେବପୁର, ୬।୭ (ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର- ଜାମୁଝାଡ଼ି ରାସ୍ତାର ଗୁଆଗାଁ ନିକଟସ୍ଥ ପଟାପୋଲଠାରେ ଏକ ବାଇକ୍ ଦୁର୍ଘଟଣାରେ ମଙ୍ଗଳବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚାନ୍ଦବାଲି ବ୍ଲକ ଅଧୀନ ଜାଗୁଲା ପଞ୍ଚାୟତ ବଳଭଦ୍ରପ୍ରସାଦର ସୁଶାନ୍ତ ପାତ୍ର। ସେ ବାଇକ୍‌ରେ ଜାମୁଝାଡ଼ି ଆଡୁ ଧାମରା ଅଭିମୁଖେ ଯାଉଥିବା ବେଳେ ପଟାପୋଲଠାରେ ଅନ୍ୟ ଏକ ବାଇକ୍ ସହ ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ମହିଳାଙ୍କ ଆତ୍ମହତ୍ୟା

ଯୋଡ଼ା, ୬।୭(ଡି.ଏନ୍.ଏ.): କେନ୍ଦୁଝର ଜିଲା ଯୋଡ଼ା ସହର ସ୍ଥିତ ଲେଙ୍ଗଡ଼ା ହଟିଂରେ ରହୁଥିବା ଜଣେ ମହିଳା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ସୁପୁଇ ପାତ୍ର। ମଙ୍ଗଳବାର ରାତିରେ ପରିବାର ଲୋକେ ଖାଇପିଇ ଶୋଇଥିଲେ। ବୁଧବାର ସକାଳେ ସୁପୁଇ ଘର ଭିତରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ବ୍ୟବଚ୍ଛେଦ ପରେ ଜଣାପଡିବ ଏବଂ ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

### ବାଇକ୍ ଧକ୍କାରେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ

ଢେଙ୍କିକୋଟ, ୬।୭(ଡି.ଏନ.ଏ.): କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍‌ହାଉସ ଅନ୍ତର୍ଗତ ଜାତୀୟ ରାଜପଥ ୨୦ ନଂ ଟିକିରା ଗ୍ରାମ ଭାରତ ପେଟ୍ରୋଲ ପମ୍ପ ସମ୍ମୁଖରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଅଜଣା ବ୍ୟକ୍ତି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ତାଙ୍କୁ କେନ୍ଦୁଝର ଡାକ୍ତରଖାନାକୁ ପଠାଇ ଦେଇଥିଲେ। ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଖବର ପାଇ ଢେଙ୍କିକୋଟ ପୋଲିସ ପହଞ୍ଚି ମୃତଦେହ ଜବତ କରି ଘଟଗାଁ ଥାନାରେ ଏକ ଦୁର୍ଘଟଣାଜନିତ ମାମଲା (ନଂ.୧୩୫/୨୨) ରୁଜୁ କରି ମୃତଦେହକୁ ଫ୍ରିଜର୍‌ରେ ରଖିଛି। ଯଦି ଉକ୍ତ ବ୍ୟକ୍ତିଙ୍କୁ କେହି ଚିହ୍ନି ପାରିବେ ତେବେ ତୁରନ୍ତ ଢେଙ୍କିକୋଟ ପୋଲିସ ସବଇନ୍ସପେକ୍ଟର ତରଣୀସେନ ବାଗଙ୍କୁ ଯୋଗାଯୋଗ କରିବା ପାଇଁ କୁହାଯାଇଛି।

# ଟ୍ରାଫିକ୍ ସମସ୍ୟାରେ ନାକେଦମ୍

**ବାସୁଦେବପୁର, ୬।୭(ଡି.ଏନ.ଏ.)**

ଭଦ୍ରକ ଜିଲାର ବାସୁଦେବପୁର ସହର ଏକ ପୁରାତନ ବ୍ୟବସାୟିକ ପେଣ୍ଠସ୍ଥଳ। ଧାମରା ବନ୍ଦରକୁ ଏହି ବଜାର ଦେଇ ଜାମୁଝାଡ଼ି-ଧାମରା ରାସ୍ତା ଯାଇଛି। ଦିନକୁ ଦିନ ଧାମରା-ଜାମୁଝାଡ଼ି ରାସ୍ତା ଦେଇ ବନ୍ଦରକୁ ଶତାଧିକ ଟ୍ରକ୍ ଓ ଅନ୍ୟ ଯାନବାହନ ଚଳାଚଳ କରୁଥିବାରୁ ବାସୁଦେବପୁର ବଜାରରେ ଗୁରୁତର ଟ୍ରାଫିକ ସମସ୍ୟା ଦେଖାଦେଉଛି। ଧାମରା-ଜାମୁଝାଡ଼ି ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ଦୀର୍ଘଦିନ ଧରି ମନ୍ଥର ଗତିରେ ଚାଲୁଥିବାରୁ ଡ୍ରେନ୍ କାମ ଅସମ୍ପୂର୍ଣ୍ଣ ହୋଇରହିଛି। ସହର ମଧ୍ୟରେ ଟ୍ରାଫିକ ସମସ୍ୟାର ଏହା ବି ଏକ କାରଣ। ଟ୍ରାଫିକ୍ ସମସ୍ୟାକୁ ନେଇ ସହରବାସୀ ଓ ଅନ୍ୟ ଜନସାଧାରଣ ନାକେଦମ୍ ହୋଇପଡ଼ିଲେଣି। ପରିସ୍ଥିତି ଏପରି ହୋଇଛି ଯେ ସହର ମଧ୍ୟରେ ଗୁରୁତର ରୋଗୀଙ୍କୁ ନେଇ ଆସୁଥିବା ଆମ୍ବୁଲାନ୍ସ ମଧ୍ୟ ବିଭିନ୍ନ ସମୟରେ ଭିଡ଼ରେ ଫଶି ରହୁଛି। ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଆସୁଥିବା ଛାତ୍ରୀଛାତ୍ର ଏହି ରାସ୍ତା ଜାମ୍‌ର ସମ୍ମୁଖୀନ ହେଉଛନ୍ତି। ରାସ୍ତାର ଦୁଇପାର୍ଶ୍ୱରେ ଡ୍ରେନ୍ କାର୍ଯ୍ୟ ଅସମ୍ପୂର୍ଣ୍ଣ ହୋଇ ରହିଥିବା ବେଳେ ଏଥିରୁ ବାହାରିଥିବା ମାଟି ରାସ୍ତାକଡ଼ରେ ପଡ଼ିରହିଛି। କେତେକ ଦୋକାନୀ ଦିନକୁ ଦିନ ସେମାନଙ୍କ ଉଠା ଦୋକାନକୁ ଆଣି ରାସ୍ତାରେ ପହଞ୍ଚାଇଥିବାରୁ ଏପରି ଗୁରୁତର ଟ୍ରାଫିକ ସମସ୍ୟା ଦେଖାଦେଉଛି। ରାସ୍ତା ଉପରେ ଗାଡ଼ିଗୁଡ଼ିକୁ ପାର୍କିଂ କରାଯାଉଥିବାରୁ ଯାତାୟାତରେ ସମସ୍ୟା ଦେଖାଦେଉଥିବା ସହ ଦୁର୍ଘଟଣା ବୃଦ୍ଧି ପାଉଛି। ସହରର ଟ୍ରାଫିକ ସମସ୍ୟା ସମ୍ପର୍କରେ ଗତମାସ ୨୭ ତାରିଖରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦାରଙ୍କ ଦୃଷ୍ଟିକୁ ଅଣାଯାଇଥିଲା। ଏ ଦିଗରେ ପଦକ୍ଷେପ ନେବାକୁ ବାସୁଦେବପୁର ଥାନା ଆଇଆଇସି ଓ ପୌର ନିର୍ବାହୀ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଆଇଆଇସି ଅମିତ୍ ଭୂୟାଁଙ୍କୁ ପଚାରିବାରୁ ପୋଲିସ ଟ୍ରାଫିକ ସମସ୍ୟା ଦୂର ପାଇଁ ପାଟ୍ରୋଲିଂ କରିବା ସହ ଲୋକଙ୍କୁ ସଚେତନ କରୁଛି ବୋଲି କହିଛନ୍ତି।

**ଜିଲାପାଳଙ୍କ ନିର୍ଦ୍ଦେଶ ସତ୍ତ୍ୱେ ହେଉନି କାର୍ଯ୍ୟାନୁଷ୍ଠାନ**

## ବିଜେଡିରେ ମିଶିଲେ ଶତାଧିକ କଂଗ୍ରେସ କର୍ମୀ



ମିଶ୍ରଣପର୍ବରେ ବିଜେଡି କର୍ମକର୍ତ୍ତା।

**ବନ୍ତ, ୬।୭(ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ କେନ୍ଦୁଆପଦା ବଜାରରେ ବିଜେଡିର ଏକ ମିଶ୍ରଣ ପର୍ବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ଦାସ ସଭାପତିତ୍ୱ ଓ ପୂର୍ବତନ ସମିତିସଭ୍ୟ ବିଜୟ କୁମାର ଖଟୁଆ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ବିଜେଡି ସମ୍ପାଦକ ଇଂ. ପ୍ରୟାସକାନ୍ତି ସାମଲ, ମୁଖ୍ୟବକ୍ତା ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, ଅନ୍ୟତମ ଅତିଥି ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବ୍ଲକ ଉପାଧ୍ୟକ୍ଷା ପ୍ରଗତିବାଳା ସ୍ୱାଇଁ, ବ୍ଲକ ଯୁବ ବିଜେଡି ସଭାପତି ସତ୍ୟସାଧନ ବେଜ, ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀ ଯୁବ ସଭାପତି ବିପିନ ବିହାରୀ ନାୟକ, ବ୍ଲକ ଛାତ୍ର ବିଜେଡି ସଭାପତି ପ୍ରଣବ କିଶୋର ଲେଙ୍କା, ରାମପୁର ସରପଞ୍ଚ ଗିରିଧାରୀ ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟ ଅନନ୍ତ ଗୋପାଳ ଦାସ, ପୂର୍ବତନ ବ୍ଲକ ଯୁବ ବିଜେଡି ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କେନ୍ଦୁଆପଦା ପଞ୍ଚାୟତର ପୂର୍ବତନ ସରପଞ୍ଚ ଜୟନ୍ତ କୁମାର ସାମଲ, ନାଏବ ସରପଞ୍ଚ ଚକ୍ରଧର ସାହୁ, ପୂର୍ବତନ ସମିତିସଭ୍ୟ ନାରାୟଣ ଚନ୍ଦ୍ର ପ୍ରଧାନ, କେନ୍ଦୁଆପଦା ହାଇସ୍କୁଲର ସଭାପତି ଦୁଃଶାସନ ଜେନା, ପ୍ରଶାନ୍ତ ସାହୁ, ପଦ୍ମନାଭ ଧଳ, ହାଡ଼ିବନ୍ଧୁ ପରିଡ଼ା, ୱାର୍ଡସଭ୍ୟ ନିରଞ୍ଜନ ରାଉତଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ବିଜେଡିରେ ଯୋଗ ଦେଇଛନ୍ତି।

## ନୀଳଗିରିରେ ନମା, ମାଟିଆଳିରେ ଯଶୋଦା, ଈଶ୍ୱରପୁରରେ ଭାଗବତ ସଭାପତି

**ନୀଳଗିରି ଉପଖଣ୍ଡ: ୩ ସମବାୟ ସମିତି ସଭାପତି ନିର୍ବାଚନ**

**ନୀଳଗିରି, ୬।୭(ସ୍ୱ.ପ୍ର.)**



ନୀଳଗିରି ଲ୍ୟାମ୍ପସ୍ ସଭାପତିଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରାଯାଉଛି।

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡର ନୀଳଗିରି, ମାଟିଆଳି, ଓ ଈଶ୍ୱରପୁର ସେବା ସମବାୟ ସମିତି ସଭାପତି ନିର୍ବାଚନ ବୁଧବାର ଅନୁଷ୍ଠିତ ହୋଇଥିଲା। ନୂତନ ସଭାପତି ଭାବେ ଭାଜପା ସମର୍ଥିତ ପ୍ରାର୍ଥୀଙ୍କ ବିଜୟ ହୋଇଛି। ନୀଳଗିରି ସମବାୟ ସମିତିରେ ଭାଜପା ପକ୍ଷରୁ ୧୧ନଂ. ଜୋନ୍‌ରୁ ନମା ସିଂ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ଅନ୍ୟ କେହି ନାମାଙ୍କନ ଦାଖଲ କରି ନ ଥିଲେ। ଏକକ ନାମାଙ୍କନପତ୍ର ଥିବାରୁ ନମା ସିଂ ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି। ମାଟିଆଳି ସମବାୟ ସମିତିର ୧୨ନଂ. ଜୋନ୍‌ରୁ ଯଶୋଦା ନାୟକ ବିଜୟୀ ହୋଇଛନ୍ତି। ସେହିପରି ଈଶ୍ୱରପୁର ସମବାୟ ସମିତିରେ ଭାଗବତ ଖିଲାର ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସମସ୍ତ ନିର୍ଦ୍ଦେଶକ ନବନିର୍ବାଚିତ ସଭାପତିଙ୍କୁ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରିବା ସହ ଶୁଭେଚ୍ଛା ଜ୍ଞାପନ କରିଥିଲେ। ନୀଳଗିରି ବିଧାୟକ ଇଂ. ସୁକାନ୍ତ ନାୟକ କହିଛନ୍ତି, ଏ ବିଜୟ ହେଉଛି ଚାଷୀଙ୍କର। ଆଗାମୀ ଦିନରେ ଚାଷୀମାନଙ୍କର ଦୁଃଖସୁଖରେ ସାଥୀ ହୋଇ କାର୍ଯ୍ୟ କରାଯିବ ବୋଲି କହିଛନ୍ତି।

ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଗତ ଜୁନ୍ ୧୯ତାରିଖରେ ନୀଳଗିରି ବ୍ଲକ ଅଧୀନ ନୀଳଗିରି, ମାଟିଆଳି ଓ ଈଶ୍ୱରପୁର ସେବା ସମବାୟ ସମିତିରେ ୪୫ଟି ନିର୍ଦ୍ଦେଶକ ପଦବୀ ପାଇଁ ଭିନ୍ନ ଭିନ୍ନ ଜୋନ୍‌ରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ନୀଳଗିରି ଲ୍ୟାମ୍ପସ୍ ନିର୍ବାଚନରେ ୧୫ଟି ନିର୍ଦ୍ଦେଶକ ପଦବୀରୁ ଭାଜପା ସମର୍ଥିତ ପ୍ରାର୍ଥୀ ଭାବେ ୧୧ଟି ନିର୍ଦ୍ଦେଶକ ପଦବୀ ହାତେଇଥିବା ବେଳେ ବିଜେଡି ୪ଟି ନିର୍ଦ୍ଦେଶକ ପଦବୀ ଅକ୍ତିଆର କରିଥିଲା। ମାଟିଆଳି ଲ୍ୟାମ୍ପସ୍ ନିର୍ବାଚନରେ ୧୫ଟି ନିର୍ଦ୍ଦେଶକ ପଦ ପାଇଁ ନିର୍ବାଚନ ହୋଇଥିଲା। ଏଥିରେ ୯ଟି ଜୋନରୁ ଭାଜପା ସମର୍ଥିତ ନିର୍ଦ୍ଦେଶକ ବିଜୟୀ ହୋଇଥିବା ବେଳେ ବିଜେଡି ସମର୍ଥନରେ ୬ଟି ନିର୍ଦ୍ଦେଶକ ବିଜୟୀ ହୋଇଥିଲେ। ସେହିପରି ଈଶ୍ୱରପୁର ସେବା ସମବାୟ ସମିତି ନିର୍ବାଚନରେ ମୋଟ ୧୫ରୁ ୧୫ଟି ନିର୍ଦ୍ଦେଶକ ପଦକୁ ଭାଜପା ଅକ୍ତିଆର କରିଥିଲା।

## ପ୍ରଣତି ମହାପାତ୍ର ସଭାପତି, ବିଭୂତି ଭୂଷଣ ସମ୍ପାଦକ

**କେନ୍ଦୁଝର, ୬।୭ (ସ୍ୱ.ପ୍ର.)**

କେନ୍ଦୁଝର ରୋଟାରୀ କ୍ଲବର ଅଧିଷ୍ଠାନ ଉତ୍ସବ ରୋଟାରି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରୋଟାରି ଡିଜିଇ ଜୟଶ୍ରୀ ମହାନ୍ତି ଯୋଗଦେଇ ରୋଟାରିଆନମାନେ ବିଭିନ୍ନ ସାମାଜିକ ଓ ସେବାମୂଳକ କାର୍ଯ୍ୟକୁ ଆନନ୍ଦର ସହ ଗ୍ରହଣ କଲେ ରୋଟାରିର ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଡିଏସ୍‌ଜି ରୋଟାରିଆନ୍ ମନୋଜ ତ୍ରିପାଠୀ, ଏଜି ଇନ୍ଦ୍ରଜିତ୍ ସାହୁ ଉପସ୍ଥିତ ଥିଲେ। ବିଦାୟୀ ସଭାପତି ଡକ୍ଟର ରାଜେନ୍ଦ୍ର କୁମାର ପଲେଇଙ୍କ ସଭାପତିତ୍ୱରେ ବିଦାୟୀ ସମ୍ପାଦିକା ନିରୁପମା ସ୍ୱାଇଁ ବିବରଣୀ ପାଠ କରିଥିଲେ। ନୂତନ ଭାବେ ୨୦୨୨-୨୩ ବର୍ଷ ପାଇଁ ପ୍ରଣତି ମହାପାତ୍ର ସଭାପତି ଓ ଇଂ ବିଭୂତି ଭୂଷଣ ସାହୁ ସମ୍ପାଦକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସର୍ଭିସ ପ୍ରୋଜେକ୍ଟ ଡାଇରେକ୍ଟର ରାଜଲକ୍ଷ୍ମୀ ସ୍ୱାଇଁ, କ୍ଲବ ଆଡମିନ ବସନ୍ତ ପୃଷ୍ଟି, ଏଡିଟର ଅପର୍ଣ୍ଣା ଆର୍ଯ୍ୟସୂତା ଦାସ, ପବ୍ଲିକ ଇମେଜ ଡାଇରେକ୍ଟର ସଞ୍ଜୟ ସାହୁ, ପ୍ରେସିଡେଣ୍ଟ ଇଲେକ୍ଟ ବିଶ୍ୱପ୍ରକାଶ ଭଟ୍ଟାଚାର୍ଯ୍ୟ, ମେମ୍ବରସିପ ଡାଇରେକ୍ଟର ମହେଶ ଚାଉଡା, ଆଇପିପି ରାଜେନ୍ଦ୍ର କୁମାର ପଲେଇ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେହିପରି ଇନରହୁଇଲ କ୍ଲବର ସଭାନେତ୍ରୀ ଭାବେ ସରିତା ପାତ୍ର ଓ ସମ୍ପାଦିକା ଭାବେ ନିଲମ ସାହୁ ଦାୟିତ୍ୱ ଗ୍ରହଣ କରିଥିଲେ।

**କେନ୍ଦୁଝର ରୋଟାରି କ୍ଲବର ଅଧିଷ୍ଠାନ ଦିବସ**

## ରଥଯାତ୍ରାରେ ଭଜନ ସନ୍ଧ୍ୟା



ମାଉସୀ ମା' ମନ୍ଦିର ସମ୍ମୁଖ ଦୁର୍ଗାମଣ୍ଡପରେ ଭଜନ ପରିବେଷଣ କରାଯାଉଛି।

**ଖଇରା, ୬।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଅଧୀନ ସ୍ଥାନୀୟ ଦୁର୍ଗାମଣ୍ଡପଠାରେ ରଥଯାତ୍ରା ଅବସରରେ ଚତୁର୍ଦ୍ଧା ମୂର୍ତ୍ତୀଙ୍କ ପୂଜାର୍ଚ୍ଚନା ସାଙ୍ଗକୁ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି । ସୋମବାର ସନ୍ଧ୍ୟାରେ ନୂଆଗାଁ କାଳନ୍ଦ୍ରୀ ଭଜନ ଗ୍ରୁପ ପକ୍ଷରୁ ସୃଷ୍ଟିଧର ଦାସଙ୍କ ତତ୍ତ୍ୱାବଧାନରେ ଭଜନ ପରିବେଷଣ କରାଯାଇଥିଲା। ସେହିଭଳି ରବିବାର ସନ୍ଧ୍ୟାରେ ଭଦ୍ରକର ବିଶିଷ୍ଟ ପ୍ରବଚକ ନରହରି ଦାସଶର୍ମା ଦ୍ୱରା ଜଗନ୍ନାଥ ଦର୍ଶନ ଉପରେ ତତ୍ତ୍ୱଦର୍ଶୀ ଭାଷଣ ଦେଇଥିଲେ। ଶନିବାର ସନ୍ଧ୍ୟାରେ କଣ୍ଠଶିଳ୍ପୀ କିଶୋର ରାଉତ ସୁମଧୁର ସଙ୍ଗୀତ ପରିବେଷଣ କରିଥିଲେ । ସେହିଭଳି ବାହୁଡା ପର୍ଯ୍ୟନ୍ତ ପ୍ରତ୍ୟେକ ସନ୍ଧ୍ୟାରେ ବହୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ମୁଖ୍ୟ ପୂଜକ ଦ୍ୱାରିକାନାଥ ଶତପଥୀ ଜଣାଇଛନ୍ତି । ରଥଯାତ୍ରା ଆରମ୍ଭରୁ ଅଦ୍ୟାବଧି ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ରାଧାକାନ୍ତ ପାତ୍ର, ମାନସ ଜେନା, ଉଦୟ ଶତପଥୀ, ରମାକାନ୍ତ ଶତପଥୀ, ବୁଦ୍ଧିରାମ ପାଣିଗ୍ରାହୀ ଓ ଜଗତାନନ୍ଦ ମହାନ୍ତି ପ୍ରମୁଖ ସହଯୋଗ କରିଛନ୍ତି ।

## 'ବାଇଶି ପାହାଚ' ଲୋକାର୍ପିତ



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ବାରିପଦା ଅଫିସ,୬।୭**

ଶ୍ରୀ ଜଗନ୍ନାଥଙ୍କ ଚେତନା ସମ୍ବଳିତ ପୁସ୍ତକ 'ବାଇଶି ପାହାଚ' ରଥଯାତ୍ରା ଅବସରରେ ଲୋକାର୍ପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବାଞ୍ଚଳ ଡିଆଇଜି ହିମାଂଶୁ ଲାଲ, ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ ଜିଲାପାଳ ବିନୀତ ଭରଦ୍ୱାଜ, ଏସ୍‌ପି ଋଷିକେଶ ଦ୍ୟାନଦେଓ ଖିଲାରୀ, ଉପଜିଲାପାଳ ଅନ୍ୟା ଦାସ, ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ସମାଜିକ କର୍ମୀ ଶମ୍ଭୁଦୟାଲ ଖଣ୍ଡେଲୱାଲ, ମନ୍ଦିର ପରିଛା ଦୁର୍ଗା ଚରଣ ଜିତବାବୁ ଓ ପୁସ୍ତକର ପ୍ରକାଶିକା ଚନ୍ଦ୍ରମଣି ମିଶ୍ର ପ୍ରମୁଖ ଉପସ୍ଥିତ ରହି ପୁସ୍ତକକୁ ଉନ୍ମୋଚନ କରିଥିଲେ। ପୁସ୍ତକରେ ବାଇଶି ପାହାଚର ତାତ୍ତ୍ୱିକ ବିଶ୍ଳେଷଣ, ଶ୍ରୀ ଜଗନ୍ନାଥ ଓ ମାନବବାଦ, ମହାପ୍ରସାଦର ବୈଶିଷ୍ଟ, ମହିମାମୟ କଳ୍ପବଟ, ଶ୍ରୀମନ୍ଦିରରେ ଦେବ ଦର୍ଶନ କ୍ରମ ତଥା ଶ୍ରୀଜୀଉଙ୍କ ଦ୍ୱାଦଶ ଯାତ୍ରାର ମହତ୍ତ୍ୱ ଏବଂ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ବୈଶିଷ୍ଟ ପ୍ରଭୃତି ପ୍ରାୟ କୋଡିଏଟି ଆଲୋଚନା ସ୍ଥାନ ପାଇଛି। ଜଗନ୍ନାଥ ସଂସ୍କୃତି ସମ୍ପର୍କିତ ଗୁଢ଼ତତ୍ତ୍ୱ ଓ ଦ୍ୱିତୀୟ ଶ୍ରୀକ୍ଷେତ୍ର ସମ୍ପର୍କରେ ଜାଣିବାର ଅନେକ ଉପାଦାନ ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପୁସ୍ତକର ଲେଖକ ପଣ୍ଡିତ ଭାଗବତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରକ୍ ଚାପାରେ ହେଲ୍‌ପର ମୃତ

**ଯୋଡା, ୬।୭ (ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ଥାନା ଅଧୀନ ବିଲେଇପଦା ଫାଣ୍ଡି ଅନ୍ତର୍ଗତ ମୁର୍ଗାସ୍ଥିତ କାଟାମାଟି ପାର୍କିଂ ଠାରେ ଟ୍ରକ୍ ଚାପାରେ ଜଣେ ହେଲପରଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଅଜିତ ମଣ୍ଡଳ। ତାଙ୍କ ଘର ଝାଡଖଣ୍ଡ ରାଜ୍ୟ ଜାମସେଦପୁରରେ ବୋଲି ଜଣାପଡ଼ିଛି। ବୁଧବାର ଅପରାହ୍ନରେ ପାର୍କିଂସ୍ଥଳରେ ଟ୍ରକ୍‌ଟି ଛିଡା ହୋଇଥିବା ବେଳେ ସମ୍ପୃକ୍ତ ଟ୍ରକ୍‌ର ବୋଝେଇ ପାଇଁ କ୍ରମିକ ନମ୍ବର ଆସିବାରୁ ଟ୍ରକ୍‌ଟି ପଛ କରି ଧାଡିରୁ ବାହାରିଯିବା ପାଇଁ ଚେଷ୍ଟା କରୁଥିବା ବେଳେ ଗାଡି ପଛପଟେ ଠିଆ ହୋଇ ସଙ୍କେତ ଦେଉଥିବା ହେଲପରକୁ ଅନ୍ୟ ଏକ ଟ୍ରକ୍ ପଛପଟୁ ଚାପି ଦେଇଥିଲା। ଗୁରୁତର ଅବସ୍ଥାରେ ଅଜିତଙ୍କୁ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ବିଲେଇପଦା ଫାଣ୍ଡି ଅଧିକାରୀ ସ୍ୱରୂପ ରଞ୍ଜନ ନାଏକ ପହଞ୍ଚି ମୃତଦେହକୁ ଜବତ କରିଥିବା ବେଳେ ଟ୍ରକ୍ ଚାଳକଙ୍କୁ ଅଟକ ରଖିଛନ୍ତି।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ମନ୍ତବ୍ୟକୁ କଂଗ୍ରେସର ନିନ୍ଦା

### ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଘୋଷଣା ନ ହେଲେ ଆନ୍ଦୋଳନ ଚେତାବନୀ

**ଭଦ୍ରକ ଅଫିସ,୬।୭**

ଭଦ୍ରକରେ ସରକାରୀ ମେଡିକାଲ କଲେଜ ହେବ ନାହିଁ ବୋଲି ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ସ୍ପଷ୍ଟ କରିଛନ୍ତି। ମଙ୍ଗଳବାର ସଂଧ୍ୟାରେ ଜିଲା କଂଗେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ବୈଠକରେ ମନ୍ତ୍ରୀଙ୍କ ଉକ୍ତ ମନ୍ତବ୍ୟକୁ ନିନ୍ଦା କରାଯାଇଛି। ଭଦ୍ରକ ବିଧାନସଭାସ୍ତରୀୟ କଂଗ୍ରେସ ନେତା ନଳିନୀ ମହାନ୍ତି, ବରିଷ୍ଠ ନେତା ଅଶ୍ରଫ ଅଲ୍ଲୀ ଖାନ, ପୁଷ୍ପରାଜ ଲାହା, ରଞ୍ଜନ ଯେନା, ତନଭିର ଖାନ, ବିଜୟ କୁମାର ବାରିକ, ସେକ୍ ସରୋ, ମତଲୁବ ଅଲ୍ଲୀ ଖାଁ, ଲାଲୁ ଖାଁ, ତାହେର ମହମ୍ମଦ ଖାଁ, ଯୁବ କଂଗ୍ରେସ ନେତା ହେମନ୍ତ ମହାପାତ୍ର, ଛାତ୍ର କଂଗ୍ରେସ ନେତା ସେକ୍ ସାହିଲ କାଦ୍ରୀ ପ୍ରମୁଖ ଭଦ୍ରକ ଜିଲା ପ୍ରତି ସରକାରଙ୍କ ବୈମାତୃକ ମନୋଭାବ ବୋଲି କହିବା ସହ ଏହାକୁ ତୀବ୍ର ବିରୋଧ କରିଛନ୍ତି। ଜିଲାରେ ଶାସକ ଦଳର ୪ ବିଧାୟକ ଓ ଏମ୍‌ପି ଥାଇ ମଧ୍ୟ ସେମାନେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ସରକାରଙ୍କ ଉପରେ ଚାପ ପକାଇବାରେ ବିଫଳ ହୋଇଥିବା କହିଛନ୍ତି। ସେହିପରି ଧାମନଗର ବିଧାୟକ ତଥା ବିରୋଧୀ ଦଳ ଉପନେତା ମଧ୍ୟ ଉକ୍ତ ପ୍ରସଙ୍ଗରେ ନୀରବ ରହିଥିବା କଂଗ୍ରେସ ନେତା ମହାନ୍ତି କହିଛନ୍ତି। ଆଗାମୀ ୧୫ ଦିନ ମଧ୍ୟରେ ଭଦ୍ରକରେ ଏକ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଘୋଷଣା କରା ନ ଗଲେ କଂଗ୍ରେସ ଜିଲାରେ ବ୍ୟାପକ ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଛନ୍ତି।

## ସରୁନି ପାଣିକୋଇଲି-ରିମୁଳି ରାସ୍ତା କାମ

**କେନ୍ଦୁଝର, ୬।୭ (ସ୍ୱ.ପ୍ର.)**

ଠିକା ସଂସ୍ଥା ଗୁଡ଼ିକର ମନମୁଖୀ କାମ ଏବଂ ଉପଯୁକ୍ତ ତଦାରଖର ଅଭାବ ଯୋଗୁ ପାଣିକୋଇଲି-ରିମୁଳି ଜାତୀୟ ରାଜପଥ ୨୦ର କାମ ସରୁନାହିଁ । ଫଳରେ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଥିବାବେଳେ ଦୁର୍ଘଟଣା ଘଟୁଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି । ଏଣେ ରାସ୍ତା କାମ ସରି ନ ଥିବାବେଳେ ତିନୋଟି ସ୍ଥାନରେ ଟୋଲ ଆଦାୟ ହେଉଥିବା ନେଇ ଅସନ୍ତୋଷ ଦେଖାଦେଇଛି।

ଦୀର୍ଘ ୨୧ କି.ମି. ରାସ୍ତାର ବଳକା କାମ ଏକ ଠିକା ସଂସ୍ଥା କରୁଛି। ୨୦୨୧ ମସିହା ଫେବୃୟାରୀ ୨୫ରେ ଏନେଇ କମ୍ପାନୀ ଚୁକ୍ତି କରିଥିଲେ । ୧୪୬.୪୩ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ଏହି କାମ ୨୦୨୨ମସିହା ମାର୍ଚ୍ଚ ୨୨ରେ ସରିବା ପାଇଁ ଧାର୍ଯ୍ୟ କରାଯାଇଥିଲା। ତେବେ କାମରେ ବିଳମ୍ବ ହେଉଥିବାରୁ ଏହାର ମୂଲ୍ୟ ୧୫୦.୪୯ କୋଟିକୁ ବୃଦ୍ଧି କରାଯାଇଥିବା ଜଣାପଡିଛି। ତେବେ ଅଦ୍ୟାବଧି ୧୯ କି.ମି. ରାସ୍ତା କାମ ସରିଥିବା ବେଳେ ୯୮.୭୮ କୋଟିଟଙ୍କା ଖର୍ଚ୍ଚ ହୋଇଥିବା ଏକ ରିପୋର୍ଟରୁ ଜଣାପଡିଛି। ଏଣୁ ପ୍ରଶାସନ ନିର୍ଦ୍ଧାରିତ ସମୟରେ କାମ ନ ସାରିବା ପାଇଁ ପେନାଲଟି ଆଦାୟ ନ କରି କିପରି ବ୍ୟୟ ଅଟକଳକୁ ବୃଦ୍ଧି କରୁଛନ୍ତି ତାହା ସନ୍ଦେହପୂର୍ଣ୍ଣ ବୋଲି ସଦର ବିଧାୟକ ମୋହନ ମାଝୀ କହିଛନ୍ତି। ଏହି କାମ ୨୦୨୨ ଅକ୍ଟୋବର ୩୧ରେ ସରିବ ବୋଲି ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ସେହିପରି ବେଲବାହାଳି ସମେତ କେତେକ ପୋଲ, କଲଭର୍ଟ କାମ ମଧ୍ୟ ସରି ନ ଥିବା ଜଣାପଡିଛି। ଗତମାସ ୨୫ ତାରିଖରେ ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ଜିଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି ବୈଠକ (ଦିସା)ରେ ଆଲୋଚନା ହୋଇଥିବା ବେଳେ କେତେକ ସଦସ୍ୟ କାମରେ ବିଳମ୍ବ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ।

## ୫-ଟି ସ୍କୁଲ ରୂପାନ୍ତରଣରେ ଦୁର୍ନୀତି ଅଭିଯୋଗ

**ବାଲେଶ୍ୱର ଅଫିସ, ୬।୭**



ଭିଜିଲାନ୍ସ ବିଭାଗର ସହ ଆରକ୍ଷୀ ଅଧୀକ୍ଷକ ମହେଶ୍ୱର ସେଠୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଭିଜିଲାନ୍ସ ତଦନ୍ତ ଦାବି କଲା କଂଗ୍ରେସ**

ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳର ୫-ଟି ସ୍କୁଲ ରୂପାନ୍ତରଣରେ ଦୁର୍ନୀତି ହୋଇଥିବା ନେଇ ମଙ୍ଗଳବାର କଂଗ୍ରେସ କର୍ମୀ ଭିଜିଲାନ୍ସ ଦ୍ୱାରସ୍ଥ ହୋଇଛନ୍ତି। ଜଳେଶ୍ୱର ବ୍ଲକ ଓ ମ୍ୟୁନିସିପାଲଟି ଅଧୀନରେ ୨୦ଟି ସ୍କୁଲ ୫-ଟିରେ ସାମିଲ କରାଯାଇ ସେଗୁଡିକର ରୂପାନ୍ତରଣ ହୋଇଛି। ସେଥିରେ ବ୍ୟାପକ ଦୁର୍ନୀତି ହେଇଥିବା ନେଇ ଜଳେଶ୍ୱର କଂଗ୍ରେସ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ରାଜ୍ୟ ପ୍ରବକ୍ତା ଓ ଜଳେଶ୍ୱର କଂଗ୍ରେସ ନେତା ସୁଦର୍ଶନ ଦାସ ଏହାର ବିଧିବଦ୍ଧ ତଦନ୍ତ ସହ ଦୁର୍ନୀତିରେ ଲିପ୍ତ ସରକାରୀ କର୍ମଚାରୀ ଓ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଜଳେଶ୍ୱର କଂଗ୍ରେସ ପକ୍ଷରୁ ବ୍ଲକ ସଭାପତି ରାଜୀବ ପରିଡ଼ା, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ହେମନ୍ତ ଗିରି, କିସାନ କଂଗ୍ରେସ ସଭାପତି ସୁଦାମ ପାତ୍ର ପ୍ରମୁଖ ବାଲେଶ୍ୱରସ୍ଥିତ ଭିଜିଲାନ୍ସ ଏସ୍‌ପି ଅଫିସ ଯାଇ ସହ ଆରକ୍ଷୀ ଅଧୀକ୍ଷକ ମହେଶ୍ୱର ସେଠୀଙ୍କୁ ଏହାର ତଦନ୍ତ ପାଇଁ ଦାବି କରିଛନ୍ତି । ସ୍କୁଲ ରୂପାନ୍ତରଣରେ ୮ଜଣ କନିଷ୍ଠଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇଛି ଏବଂ ସେଥିରେ ସ୍ୱଚ୍ଛ ଟେଣ୍ଡର ପ୍ରକ୍ରିୟାକୁ ଅନୁସରଣ କରାଯାଉନାହିଁ। ସ୍କୁଲରେ ବ୍ୟବହୃତ ଟାଇଲ, ବେଞ୍ଚ, ଡେସ୍କ, ବ୍ଲାକବୋର୍ଡ ଆଦି ଅତ୍ୟନ୍ତ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ସେଠୀ ଏସବୁ ଅଭିଯୋଗ ସମ୍ବଳିତ ଦାବିପତ୍ର ଗ୍ରହଣ କରିବା ସହିତ ତାହା ଉପରେ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷରେ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ବିଭିନ୍ନ ଦୁର୍ନୀତି ବିରୋଧରେ ଜଳେଶ୍ୱର କଂଗ୍ରେସ ପକ୍ଷରୁ ଆସନ୍ତା ୧୧ତାରିଖରେ ବ୍ଲକ ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ସାହାରପଡ଼ାରେ ଖୋଲିବ ସିଭିଲ ଜଜ କୋର୍ଟ

ପାଟଣା/କେନ୍ଦୁଝର, (ସ୍ୱ.ପ୍ର.): ରାଜ୍ୟରେ ୩୮ ଟି ନୂଆ ସିଭିଲ ଜଜ (ଜୁନିୟର ଡିଭିଜନ) କମ ଜେଏମ୍ଏଫସି କୋର୍ଟ ଖୋଲିବ। ସେଥିମଧ୍ୟରୁ କେନ୍ଦୁଝର ଜିଲା ସାହାରପଡା ବ୍ଲକରେ ଗୋଟିଏ ଖୋଲିବ । ଏଥିପାଇଁ ରାଜ୍ୟରେ ଜଜ୍‌ଙ୍କ ସମେତ ସମୁଦାୟ ୨୩୮ ଗେଜେଟେଡ ଓ ଅଣ ଗେଜେଟେଡ ପଦବୀ ଆବଶ୍ୟକ ହେବ। ଏହାର ଆର୍ଥିକ ଅନୁମୋଦନ ପାଇଁ ସରକାର ଆକାଉଣ୍ଟ ଜେନେରାଲଙ୍କୁ (ନଂ. ୭୫୦୨/୫।୭)ରେ ଚିଠି ଲେଖିଥିବା ଜଣାପଡିଛି ।



## ସଂକ୍ଷେପରେ

### ଗୋ-ଚାଲାଣବେଳେ ୪୪ ଗୋରୁ ଉଦ୍ଧାର



ଆନନ୍ଦପୁର, ୬।୭(ସ୍ୱ.ପ୍ର.): ଗୋ ଚାଲାଣ ସମ୍ପର୍କରେ ସୂଚନା ପାଇ ଆନନ୍ଦପୁର ପୋଲିସ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ୧୨ ଚକିଆ ଗାଡ଼ି ଶାଳବଣି ଛକ ନିକଟରୁ ଜବତ କରିଛି। ଏନେଇ ଏକ ମାମଲା (ନଂ.୧୭୬/୨୨) ରୁଜୁ ହୋଇଛି। ଜବତ ଗାଡିରେ ମୋଟ ୪୪ ଗୋରୁ ରହିଥିଲେ। ଉଦ୍ଧାର ଗୋରୁଙ୍କୁ ଫକୀରପୁର ବାଲୁଙ୍କେଶ୍ୱର ମନ୍ଦିର ହାଟପଡିଆରେ ସାମୂହିକ ଥଇଥାନ କରାଯାଇଥିବାବେଳେ ଗୋରୁ ଗୁଡିକୁ ବାଲେଶ୍ୱର ସ୍ଥାନାନ୍ତର କରାଯିବାର ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ଜବତ ହୋଇଥିବା ଗୋରୁ ମଧ୍ୟରୁ ୨ଗୋରୁ ଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୨ ଆହତ ଗୋରୁଙ୍କ ଚିକିତ୍ସା ପାଇଁ ବ୍ୟବସ୍ଥା କରାଯାଇଛି।

### ଥାନା ନିକଟରୁ ଝାମ୍ପି ନେଲେ ୧.୮ ଲକ୍ଷ

ଜଳେଶ୍ୱର, ୬।୭(ଡି.ଏନ.ଏ.)-ଜଳେଶ୍ୱର ଥାନା ଅଞ୍ଚଳରେ ଦିନକୁ ଦିନ ଲୁଟ, ଛିନ୍‌ତାଇ ବଢିଚାଲିଛି। ମାସକ ମଧ୍ୟରେ ୨ଟି ବଡ ଛିନ୍‌ତାଇ ହୋଇଥିବା ବେଳେ ପୋଲିସ ଏଯାଏ ଅଭିଯୁକ୍ତମାନଙ୍କ ଟେର ପାଇପାରିନାହିଁ। ଥାନା ନିକଟରୁ ୨ ଦୁର୍ବୃତ୍ତ ବୁଧବାର ଦିନ ଦ୍ୱିପ୍ରହରରେ ଜଣେ ବ୍ୟକ୍ତିଙ୍କଠାରୁ ୧ଲକ୍ଷ ୮୦ହଜାର ଟଙ୍କା ଲୁଟି ନେଇଛନ୍ତି। ପଶ୍ଚିମବଙ୍ଗ ମୋହନପୁର ଥାନା ଘୋଲେଇ ଗାଁର ବିନୟ ନାୟକ ଜଳେଶ୍ୱର ଥାନା ନିକଟରେ ଥିବା ଆକ୍ସିସ ବ୍ୟାଙ୍କରୁ ୧ଲକ୍ଷ ୮୦ହଜାର ଟଙ୍କା ଉଠାଇ ନିଜ ଘରକୁ ଯିବା ଲାଗି ବଡବଜାର ଛକଠାରେ ବସ୍‌କୁ ଅପେକ୍ଷା କରିଥିଲେ। ଏକ କଳା ପଲ୍‌ସରରେ ୨ ଦୁର୍ବୃତ୍ତ ତାଙ୍କ ନିକଟକୁ ଆସି ଟଙ୍କା ବ୍ୟାଗ୍‌କୁ ଜବରଦସ୍ତ ଛଡାଇ ନେଇ ଖସି ପଳାଇଥିଲେ । ଏ ସମ୍ପର୍କରେ ବିନୟ ନାୟକ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ୍ ସହରର କେତେକ ସିସିଟିଭି ଫୁଟେଜ୍ ଯାଞ୍ଚ କରି ତଦନ୍ତ ଚଳାଇଛି । ଉଲ୍ଲେଖଯୋଗ୍ୟ ଏହା ପୂର୍ବରୁ ଜଳେଶ୍ୱର ଟାଉନ୍ ହାଇସ୍କୁଲ ସମ୍ମୁଖରୁ ଦୁର୍ବୃତ୍ତମାନେ ଛିନ୍‌ତାଇ କରିଥିଲେ।

### ଗଞ୍ଜେଇ ଜବତ, ୨ ଗିରଫ

ଭଦ୍ରକ ଅଫିସ,୬।୭-ଭଦ୍ରକ ନୂଆ ବସ୍‌ଷ୍ଟାଣ୍ଡରୁ ମଙ୍ଗଳବାର ସନ୍ଧ୍ୟାରେ ଟାଉନ ପୋଲିସ ୨ଜଣ ଯୁବକଙ୍କଠାରୁ ୧୧ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିବା ସହ ସେମାନଙ୍କୁ ଗିରଫ କରିଛି। ଗିରଫ ଦୁଇଜଣ ହେଲେ ପଶ୍ଚିମବଙ୍ଗ ହାୱଡା ଜିଲା ବାଉରିଆ ଥାନା ଅଞ୍ଚଳର ବିଜୟ ମଣ୍ଡଳ ଓ ପ୍ରଦୀପ ରାୟ। ଏନେଇ ଟାଉନ ଥାନାରେ ମାମଲା (ନଂ.୨୬୩/୨୨) ରୁଜୁ କରାଯାଇଛି।

ସୂଚନା ଅନୁଯାୟୀ, ବିଜୟ ଓ ପ୍ରଦୀପ ସନ୍ଧ୍ୟାରେ ବସ୍‌ଷ୍ଟାଣ୍ଡରେ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ଦେଖି ପାଟ୍ରୋଲିଂ ପୋଲିସ ସେମାନଙ୍କ ବ୍ୟାଗ୍ ଯାଞ୍ଚ କରିଥିଲା। ବ୍ୟାଗ୍ ଭିତରୁ ଗଞ୍ଜେଇ ସହ କିଛି କାଗଜପତ୍ର ଜବତ କରାଯାଇଛି।

### ଅଣଧାନ ଚାଷ ପ୍ରୋତ୍ସାହନ କାର୍ଯ୍ୟକ୍ରମ

ବାଙ୍ଗିରିପୋଷି, ୬।୭(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ଅଧୀନ ସୋରିଷପାଳ ପଞ୍ଚାୟତରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ ଏବଂ ଆନ୍ତର୍ଜାତିକ ଶୁଷ୍କାଞ୍ଚଳ କୃଷି ଗବେଷଣା କେନ୍ଦ୍ରର ମିଳିତ ସହଯୋଗରେ ଅଣଧାନ ଚାଷ ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡାଲି ଜାତୀୟ ଶସ୍ୟର ଉତ୍ପାଦନ ବଢ଼ାଇବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ଥିଲା। ବିଶେଷ କରି ହରଡ଼ ଡାଲିର ଅଭାବ ଦୂର କରିବା ପାଇଁ ପଡ଼ିଆ ପଡୁଥିବା କିମ୍ବା ଉଚ୍ଚ ଜମିର ସଦୁପଯୋଗ କରିବାକୁ ବ୍ଲକ କୃଷି ଅଧିକାରୀ ଚାରୁଲତା ସିଂ ପରାମର୍ଶ ଦେଇଥିଲେ। ଚାଷୀମାନଙ୍କୁ ନେଇ ଏକ ସଭା ଆୟୋଜନ ହୋଇଥିଲା। ଏଥିରେ ୮୦ଜଣ ଚାଷୀଙ୍କୁ ହରଡ଼ ବିହନ ପ୍ରଦାନ କରାଯାଇଥିଲା। ବାଙ୍ଗିରିପୋଷି ବ୍ଲକ ସଂଯୋଜକ ହରେକୃଷ୍ଣ ପଲେଇ ମଧ୍ୟ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ପଞ୍ଚାୟତସ୍ତରୀୟ କର୍ମୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଉତ୍ତର ଓଡ଼ିଶାରେ ଛାତ୍ରୀ ଆଗୁଆ

## ବାଲେଶ୍ୱର ଜିଲାରେ ପାସ୍ ହାର ୯୦.୫୯%

ବାଲେଶ୍ୱର ଅଫିସ, ୬।୭

ବୁଧବାର ପ୍ରକାଶ ପାଇଛି ମାଟ୍ରିକ ଫଳାଫଳ। ବାଲେଶ୍ୱର ଜିଲାରେ ପାସ୍‌ହାର୍ ରହିଛି ୯୦.୫୯% । ଚଳିତବର୍ଷ ୩୨ହଜାର ୭୧୧ଜଣ ମାଟ୍ରିକ ପରୀକ୍ଷା ଦେଇଥିଲେ। ଜିଲାରେ ମୋଟ ୨୯ହଜାର ୫୬୪ ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ତନ୍ମଧ୍ୟରୁ ୧୫ହଜାର ୦୯୯ ଜଣ ଛାତ୍ରୀ ଓ ୧୪ ହଜାର ୫୬୫ ଜଣ ଛାତ୍ର ରହିଛନ୍ତି। ସେହିପରି ୩୫୯ଜଣ ଫେଲ୍ ହୋଇଥିବା ବେଳେ ୨ହଜାର ୭୮୮ ଜଣ ଛାତ୍ରୀଛାତ୍ର ପରୀକ୍ଷାରେ ଅନୁପସ୍ଥିତ ରହିଥିବା ସୂଚନା ମିଳିଛି। ଚଳିତବର୍ଷ ମଧ୍ୟ ଛାତ୍ରମାନଙ୍କୁ ପଛରେ ପକାଇଛନ୍ତି ଛାତ୍ରୀ। ଜଳେଶ୍ୱର ସରକାରୀ ହାଇସ୍କୁଲର ଛାତ୍ରୀ ସ୍ୱରୂପା ଜେନା ମୋଟ୍ ୬୦୦ ନମ୍ବରରୁ ୫୯୪ ମାର୍କ ରଖି ଜିଲାରେ ଟପ୍ପର୍ ହୋଇଥିବା ବେଳେ ଉକ୍ତ ବିଦ୍ୟାଳୟର ଛାତ୍ରୀ ଏଲିନା ଗିରି ୫୯୩ ରଖି ଦ୍ୱିତୀୟ ଏବଂ ସିଦ୍ଧେଶ୍ୱର ହାଇସ୍କୁଲ, ଅମର୍ଦ୍ଦା ରୋଡ୍‌ର ଛାତ୍ରୀ ଦେବଶ୍ରୀ ମିଶ୍ର ୫୯୦ ନମ୍ବର ରଖି ତୃତୀୟ ହୋଇଛନ୍ତି। ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ବାଲେଶ୍ୱର ଜିଲା ଛାତ୍ରୀଛାତ୍ର ରାଜ୍ୟର ସର୍ବାଧିକ 'ଏ-୧' ଗ୍ରେଡ୍‌ରେ ପାସ୍ କରିଛନ୍ତି। ସେମାନଙ୍କ ସଂଖ୍ୟା ୧ହଜାର ୫୦୩ ଥିବା ବେଳେ 'ଏ-୨' ଗ୍ରେଡ୍‌ରେ ୭୨୦୧, 'ବି-୧' ଗ୍ରେଡ୍‌ରେ ୮୩୮୭, 'ବି-୨' ଗ୍ରେଡ୍‌ରେ ୬୩୮୨, 'ସି' ଗ୍ରେଡ୍‌ରେ ୩୮୪୧, 'ଡି' ଗ୍ରେଡ୍‌ରେ ୧୯୧୦, 'ଇ' ଗ୍ରେଡ୍‌ରେ ୪୪୦ ଓ 'ଏଫ୍' ଗ୍ରେଡ୍‌ରେ ୨୫୮ ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି।

## ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛନ୍ତି ସ୍ୱରୂପା, ଏଲିନା



ସ୍ୱରୂପା



ଏଲିନା

ଜଳେଶ୍ୱର, ୬।୭(ଡି.ଏନ୍.ଏ)

ବାଲେଶ୍ୱର ଜିଲା ଜଳେଶ୍ୱର ହାଇସ୍କୁଲର ୨ଜଣ ଛାତ୍ରୀ ମାଟ୍ରିକ ପରୀକ୍ଷାରେ ରାଜ୍ୟରେ ୩ୟ ଓ ୪ର୍ଥ ସ୍ଥାନ ଅଧିକାର କରିଛନ୍ତି। ସ୍ୱରୂପା ଜେନା ୫୯୪ ନମ୍ବର ରଖି ରାଜ୍ୟରେ ୩ୟ ସ୍ଥାନ ଓ ଏଲିନା ଗିରି ୫୯୩ ନମ୍ବର ରଖି ୪ର୍ଥ ସ୍ଥାନ ହାସଲ କରିଛନ୍ତି। ସ୍ୱରୂପା ଓ ଏଲିନା ଭବିଷ୍ୟତରେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛନ୍ତି। ସ୍ୱରୂପାଙ୍କ ଘର ସୁଗୋ ଗ୍ରାମରେ ଓ ଏଲିନାଙ୍କ ଘର ପୌରପାଳିକାର ଚୂଡାମଣିପୁର ଗ୍ରାମରେ। ସ୍ୱରୂପାଙ୍କ ବାପା ପ୍ରଦୀପ ଜେନା ଓ ତାଙ୍କ ମା' ଉଭୟ ଶିକ୍ଷକତା କରନ୍ତି। ସ୍ୱରୂପା ଦିନକୁ ୧୦ଘଣ୍ଟା ପରିଶ୍ରମ କରୁଥିଲେ ବୋଲି କହିଛନ୍ତି। ଏହି ସଫଳତା ଲାଗି ସେ ତାଙ୍କର ମା' ବାପା, ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି । ଆସନ୍ତା ଦିନରେ ଡାକ୍ତର ହେବେ ବୋଲି ଇଚ୍ଛାପ୍ରକାଶ କରିଛନ୍ତି।

ସେହିପରି ଏଲିନା ଜଣେ ଦିବ୍ୟାଙ୍ଗ ଛାତ୍ରୀ। ପିଲାଦିନେ ମିଳିମିଳା ରୋଗରେ ଆକ୍ରାନ୍ତ ହୋଇ ବାମ ଚକ୍ଷୁଟି ହରାଇଛନ୍ତି। ହେଲେ ସେ କେବେ ବି ପାଠପଢାରେ ଅବହେଳା କରିନାହାନ୍ତି। ତାଙ୍କ ବାପା ଅକ୍ଷୟ ଗିରି ଜଣେ ଚାଷୀ ହୋଇଥିବା ବେଳେ ମା' ଜଣେ ଗୃହିଣୀ। ଭବିଷ୍ୟତରେ ଡାକ୍ତର ହୋଇ ଲୋକଙ୍କ ସେବା କରିବେ ବୋଲି ସେ ଆଶା ରଖିଛନ୍ତି। ଏହି ସଫଳତା ପାଇଁ ସେ ତାଙ୍କ ମା' ବାପା ଓ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି ।

# କମିଲା ୧୨ ପ୍ରତିଶତ ପାସ୍ ହାର

ବାରିପଦା ଅଫିସ,୬।୭

- ମୟୂରଭଞ୍ଜ ଜିଲାରେ ୮୫.୮୮% ଉତ୍ତୀର୍ଣ୍ଣ
- ୬୯୬ଜଣ ଫେଲ୍, ୪୪୬୨ ଛାତ୍ରୀଛାତ୍ର ଅନୁପସ୍ଥିତ

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବୁଧବାର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି । ମୟୂରଭଞ୍ଜ ଜିଲାରେ ପାସ୍ ହାର ୮୫.୮୮ପ୍ରତିଶତ ହୋଇଥିବା ବେଳେ ୬୯୬ଜଣ ଫେଲ ହୋଇଛନ୍ତି। ଛାତ୍ରଙ୍କୁ ପଛରେ ପକାଇ ଛାତ୍ରୀମାନେ ଅଧିକ ସଫଳତା ହାସଲ କରିଛନ୍ତି। ତେବେ ଗତବର୍ଷ ୯୭.୭୨ପ୍ରତିଶତ ପାସ ହାର ରହିଥିବା ବେଳେ ଚଳିତ ବର୍ଷ ପାସ୍ ହାର ୧୨ପ୍ରତିଶତ କମିଥିବାରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଚଳିତବର୍ଷ ଜିଲାରେ ଥିବା ୬୧୦ଟି ହାଇସ୍କୁଲର ୩୬ହଜାର ୭୦୩ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିଲେ । ସେଥିମଧ୍ୟରୁ ୪ହଜାର ୪୬୨ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇ ନ ଥିବା ବେଳେ ୨୬ଜଣ କପି କରି ଧରାପଡ଼ିଛନ୍ତି। ଅବଶିଷ୍ଟ ୩୨ହଜାର ୨୧୫ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୬ହଜାର ୭୭୧ଛାତ୍ରୀ ଓ ୧୪ହଜାର ୭୪୮ଛାତ୍ରଙ୍କୁ ମିଶାଇ ମୋଟ ୩୧ହଜାର ୫୧୯ଜଣ ଛାତ୍ରୀଛାତ୍ର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨୩୨ଜଣ ଏ-୧, ୧୬୪୨ଜଣ ଏ-୨, ୪୮୩୫ଜଣ ବି-୧, ୮୪୦୮ଜଣ ବି -୨, ୯୬୮୯ ଜଣ ସି, ୫୪୩୦ ଜଣ ଡି ଓ ୧୨୮୩ଜଣ ଇ ଗ୍ରେଡ୍‌ରେ ପାସ୍ କରିଛନ୍ତି। ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରିଥିବା ୨୬ଜଣ ଛାତ୍ରୀଛାତ୍ରଙ୍କ ଫଳାଫଳକୁ ରଦ୍ଦ କରାଯାଇଛି। ଜିଲାର ବିଭିନ୍ନ ସ୍କୁଲ ଶତପ୍ରତିଶତ ସଫଳତା ହାସଲ କରିଥିବା ବେଳେ କରୋନା କଟକଣା ପାଇଁ ଶିକ୍ଷାଦାନ ବ୍ୟାହତ ହୋଇଥିବାରୁ ପାସ ହାର କମିଥିବା ନେଇ ଅଭିଭାବକମାନେ ପ୍ରକାଶ କରିଛନ୍ତି ।

### ସାଇ ବିଦ୍ୟାମନ୍ଦିରର ସଫଳତା

ମାଟ୍ରିକ ପରୀକ୍ଷାରେ ବାରିପଦା ସାଇ ବିଦ୍ୟାମନ୍ଦିରର ଛାତ୍ର ସତ୍ୟଶୁଭମ ଗଚ୍ଛାୟତ ୫୮୮ ନମ୍ବର, ରାଜେଶ ବେହେରା, ଶୁଭମ ଗିରି ଓ ହୃଷିକେଶନ ଧଳ ପ୍ରତ୍ୟେକ ୫୮୩ ନମ୍ବର ରଖିଛନ୍ତି । ସେହିପରି ବିଶ୍ୱଜିତ ପାଇକିରା ୫୮୧, ଅମରେନ୍ଦ୍ର ମହାନ୍ତ ୫୭୫, ଶ୍ୱସ୍ତିକ ବିଶ୍ୱାଳ ୫୭୨, ଶିବବ୍ରତ ଜାନା ୫୭୧, ଧ୍ରୁବଜ୍ୟୋତି ମହାପାତ୍ର ୫୬୫, ବିଜୁ ଷଡଙ୍ଗୀ ଓ ପୃଥ୍ୱିକା ଦାସ ୫୬୧, ପ୍ରତି ରଞ୍ଜନ ବେହେରା ୫୫୯, ରୂପାଲିନା ଦାସ, ସ୍ମୃତି ରଞ୍ଜନ ପ୍ରଧାନ ଓ ଚିରଞ୍ଜିବୀ ବେହେରା ୫୫୮, ଝିଲକା ରାଣୀ ମହାନ୍ତ ୫୫୫, ମଧୁସ୍ମିତା ସାହୁ ୫୫୧, ମିନେଶ ରଞ୍ଜନ ନାୟ. ଅଭିଜିତ ଶତପଥୀ ଓ ଧନଞ୍ଜୟ ବେହେରା ୫୪୯, ସୁଶ୍ରୀ ସୁମନ ସାହୁ ଓ ଅଙ୍କିତ ତ୍ରିପାଠୀ ୫୪୮, କବିର ନାରାୟଣ ଦାସ, ଭବିଷ୍ୟ ଭୂଷଣ ସାହୁ ଓ ରୀତିକା ପତି ୫୪୭, ଯଶୋଦା ମହାନ୍ତ ୫୪୬, କାଜଲ ମୁର୍ମୁ ୫୪୪, ମନିମା ଭୋଳ ୫୪୩, ଚିରାଗ ରୋଶନ ପଲେଇ ୫୪୩, ପୀତାମ୍ବର ସିଂ, ଶୁଭମ ମହାରଣା ଓ ସଙ୍ଗୀତା ସାହୁ ୫୪୨, ମାନସ ରଞ୍ଜନ ନାଏକ ୫୪୧ ଓ ବୈଶାଖି ସାହୁ ୫୪୦ ନମ୍ବର ରଖି ଅନୁଷ୍ଠାନ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆଶିଷ କୁମାର ହୋତା, ସମ୍ପାଦକ ଚନ୍ଦ୍ରକାନ୍ତ ରାଉତ କୃତୀ ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ ଉଜ୍ଜଳ କାମନା କରିଛନ୍ତି ।

## '୧୪ଘଣ୍ଟା ପରିଶ୍ରମ କରୁଥିଲି'



ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଅନ୍ତରା ମହତୀପୁର ବାଇଧର ପ୍ରସାଦ ସରକାରୀ ହାଇସ୍କୁଲର ଛାତ୍ରୀ ବର୍ଷା ମହାପାତ୍ର ୯୮ ପ୍ରତିଶତ ନମ୍ବର ରଖି ଖଇରା ବ୍ଲକରେ ଟପ୍ପର ହୋଇଛନ୍ତି । ସେ ୬ଶହ ନମ୍ବରରୁ ୫୮୯ ରଖିଛନ୍ତି। ସେ ଦୈନିକ ୧୨ରୁ ୧୪ଘଣ୍ଟା ପରିଶ୍ରମ କରୁଥିଲେ। ଜଣେ ସଫଳ ଡାକ୍ତର ହୋଇ ରୋଗୀସେବା କରିବା ତାଙ୍କର ଲକ୍ଷ୍ୟ ବୋଲି କହିଛନ୍ତି। ତାଙ୍କର ଏହି ସଫଳତାର ଶ୍ରେୟ ବାପା ନଟବର ମହାପାତ୍ର, ମା' ବିମଳିନୀ ସାହୁ ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ପ୍ରଦାନ କରିଛନ୍ତି।

**-ବର୍ଷା ମହାପାତ୍ର,ମହତୀପୁର ବାଇଧର ପ୍ରସାଦ ସରକାରୀ ହାଇସ୍କୁଲ, ବାଲେଶ୍ୱର।**

## 'ଡାକ୍ତର ହୋଇ ସେବା କରିବି'



ମାଟ୍ରିକ ପରୀକ୍ଷାରେ ବାଲିଆପାଳ ବ୍ଲକ ଅମର୍ଦ୍ଦା ରୋଡ୍ ସିଦ୍ଧେଶ୍ୱର ହାଇସ୍କୁଲର ଛାତ୍ରୀ ଦେବଶ୍ରୀ ମିଶ୍ର ୫୯୦ ନମ୍ବର ରଖି ଜିଲାରେ ତୃତୀୟ ହୋଇଛନ୍ତି। ତାଙ୍କ ଘର ଭୋଗରାଇ ଅଞ୍ଚଳରେ। ଦେବଶ୍ରୀଙ୍କ ମା' ମିନାକ୍ଷୀରାଣୀ ଅମର୍ଦ୍ଦା ରୋଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ଚାକିରୀ କରିଥିବାରୁ ସେ ସିଦ୍ଧେଶ୍ୱର ହାଇସ୍କୁଲରେ ପଢୁଥିଲେ। ସେ ଦିନକୁ ୧୨ରୁ ୧୪ ଘଣ୍ଟା ପରିଶ୍ରମ କରୁଥିଲେ। ଭବିଷ୍ୟତରେ ଡାକ୍ତର ହୋଇ ଲୋକଙ୍କ ସେବା କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି। ସଫଳତା ପାଇଁ ସେ ତାଙ୍କ ବାପା ଦିଲୀପ କୁମାର ମିଶ୍ର ଓ ମା' ମିନାକ୍ଷୀରାଣୀଙ୍କୁ ଶ୍ରେୟ ଦେଇଛନ୍ତି।

**-ଦେବଶ୍ରୀ ମିଶ୍ର, ସିଦ୍ଧେଶ୍ୱର ହାଇସ୍କୁଲ, ଅମର୍ଦ୍ଦା ରୋଡ୍, ବାଲେଶ୍ୱର।**

## 'ଦିନକୁ ୫ ଘଣ୍ଟା ପରିଶ୍ରମ କରୁଥିଲି'



ବାଲେଶ୍ୱର ସହର ଟାଉନ ହାଇସ୍କୁଲର ଛାତ୍ର ସ୍ୱରାଜ କମିଲା ୫୭୩ ନମ୍ବର ରଖି ବିଦ୍ୟାଳୟରେ ଟପ୍ପର ହୋଇଛନ୍ତି। ତାଙ୍କ ଘର ଗୋପାଳ ଗାଁରେ। ବାପା ସତ୍ୟବ୍ରତ କମିଳା ଓ ମା' ସରିତା କମିଳାଙ୍କ ପୁଅ ସ୍ୱରାଜ। ଡାକ୍ତର ହୋଇ ଲୋକଙ୍କର ସେବା କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି। ମାଟ୍ରିକ ପରୀକ୍ଷା ପାଇଁ ପ୍ରତିଦିନ ସ୍କୁଲ ଓ ଟ୍ୟୁଶନ୍‌କୁ ଛାଡ଼ିଦେଲେ ପ୍ରତିଦିନ ୪ରୁ ୫ଘଣ୍ଟା ପରିଶ୍ରମ କରୁଥିଲେ ବୋଲି କହିଛନ୍ତି। ମା'ବାପା ଗାଇଡ୍ କରିବା ସହ ଘରୋଇ ଟ୍ୟୁଶନ୍ ସାର୍‌ଙ୍କ ପାଇଁ ଏହି ସଫଳତା ପାଇଥିବା କହିଛନ୍ତି।

**-ସ୍ୱରାଜ କମିଲା, ଟାଉନ ହାଇସ୍କୁଲ, ବାଲେଶ୍ୱର**

## 'ପାଇଲଟ୍ ହେବି'



ବାଲେଶ୍ୱର ସହର ବାଲିଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ସତ୍ୟବ୍ରତ ଜେନା ୫୫୪ ନମ୍ବର ରଖି ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ଜଳେଶ୍ୱର ବ୍ଲକ କଲ୍ୟାଣପୁର ଅଞ୍ଚଳର ବାପା ଆଶୁତୋଷ ଜେନା ଓ ମା' ସୁନନ୍ଦା ପାଲ୍‌ଙ୍କ ସେ ଏକମାତ୍ର ପୁତ୍ର। ବାପା ଆଶୁତୋଷ ପୋଷ୍ଟାଲ ବିଭାଗରେ ଚାକିରି କରିଥିବାରୁ ନୂଆସାହି ସ୍ଥିତ ସରକାରୀ ବାସଭବନରେ ରହୁଛନ୍ତି। ସତ୍ୟବ୍ରତଙ୍କ ପାଠପଢ଼ାରେ ବାପା ଅଧିକ ଯତ୍ନ ନେଉଥିବା ବେଳେ ବିଦ୍ୟାଳୟର ଗୁରୁମା, ଗୁରୁଜୀ ଓ ଟ୍ୟୁଶନ୍ ସାର୍‌ଙ୍କ ତତ୍ତ୍ୱାବଧାନରେ ସେ ଦିନକୁ ପ୍ରାୟ ୧୦ଘଣ୍ଟା ପଢ଼ି ଏହି ସଫଳତା ପାଇଛନ୍ତି। ଭବିଷ୍ୟତରେ ଜଣେ ପାଇଲଟ୍ ହେବାର ଲକ୍ଷ୍ୟ ରଖିଛନ୍ତି।

**-ସତ୍ୟବ୍ରତ ଜେନା, ବାଲିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବାଲେଶ୍ୱର**

## ଡାକ୍ତର ହୋଇ ଗ୍ରାମାଞ୍ଚଳ ଲୋକଙ୍କ ସେବା କରିବି



ରାଇରଙ୍ଗପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ଜନ୍ମେଞ୍ଜୟ କବାଟ ମାଟ୍ରିକ ପରୀକ୍ଷାରେ ୫୯୧ ନମ୍ବର ରଖି ଜିଲାରେ ପ୍ରଥମ ହୋଇଛନ୍ତି। ଜନ୍ମେଞ୍ଜୟଙ୍କ ବାପା ପ୍ରଭାକର କବାଟ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ବେଳେ ମା' ସଞ୍ଜୁକ୍ତା ଜଣେ ଗୃହିଣୀ। ଦିନକୁ ୧୨ ଘଣ୍ଟା ପରିଶ୍ରମ କରୁଥିବା ଜନ୍ମେଞ୍ଜୟ ତାଙ୍କ ସଫଳତାର ଶ୍ରେୟ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ, ସମସ୍ତ ଗୁରୁମା, ଗୁରୁଜୀ ଓ ମା' ବାପାଙ୍କୁ ଦେଇଛନ୍ତି। ଭବିଷ୍ୟତରେ ସେ ଡାକ୍ତର ହୋଇ ଗ୍ରାମାଞ୍ଚଳ ଲୋକଙ୍କ ସେବା କରିବେ ବୋଲି ଲକ୍ଷ୍ୟ ରଖିଥିବା କହିଛନ୍ତି।

**-ଜନ୍ମେଞ୍ଜୟ କବାଟ,ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ରାଇରଙ୍ଗପୁର**

## ସୈନ୍ୟବାହିନୀରେ ଯୋଗ ଦେବାକୁ ଲକ୍ଷ୍ୟ



ଦୁଇବର୍ଷ ପରେ ହୋଇଥିବା ଅଫ୍‌ଲାଇନ ପରୀକ୍ଷା ଫଳ ନେଇ ମୁଁ ବହୁତ ଖୁସି ଅଛି। ଆଶାଠାରୁ ଅଧିକ ନମ୍ବର ମିଳିଛି। ଅଫ୍‌ଲାଇନ ପରୀକ୍ଷା ଦ୍ୱାରା ପିଲାମାନଙ୍କ ଭିତରେ କେତେ ଦକ୍ଷତା ଅଛି ତାହା ଜଣାପଡ଼ିଛି। ଆଗକୁ ଦେଶର ସୁରକ୍ଷା ପାଇଁ ସୈନ୍ୟବାହିନୀରେ ଯୋଗ ଦେବାକୁ ଲକ୍ଷ୍ୟ ରଖିଛି।

**-ସୁନୀତା ସିଂ କୁଶୱାହା, ମଞ୍ଜୁଳା ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୂଆବଜାର, ଭଦ୍ରକ**

## ପରିଶ୍ରମ ଅନୁସାରେ ନମ୍ବର ମିଳିଛି



ଅଫ୍‌ଲାଇନ କି ଅନ୍‌ଲାଇନରେ ପରୀକ୍ଷା ହେବ ଦ୍ୱନ୍ଦ୍ୱରେ ଥିଲି। ଅଫ୍‌ଲାଇନରେ ପରୀକ୍ଷା ହେବାରୁ ମୋ ପରିଶ୍ରମ ଅନୁସାରେ ମୋତେ ନମ୍ବର ମିଳିଛି। ବାପା, ମା' ଓ ଶିକ୍ଷକଙ୍କ ପ୍ରେରଣାରେ ୫୭୨ ନମ୍ବର ରଖି ଏ-୧ ଗ୍ରେଡ୍ ପାଇଛି। ଆଗକୁ ଆଇଆଇଟି କରିବାକୁ ଲକ୍ଷ୍ୟ ରଖିଛି।

**-ବିବେକ ମହାରଣା, ଆଶାମଣି ଉଚ୍ଚ ବିଦ୍ୟାପୀଠ, ମହାନ୍ତିପଡ଼ା, ବନ୍ତ**

# ଭଦ୍ରକରେ ପାସ୍ ହାର ୯୧.୨୩ ପ୍ରତିଶତ

ଭଦ୍ରକ ଅଫିସ, ୬।୭

ମାଟ୍ରିକ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଥିବା ବେଳେ ଭଦ୍ରକ ଜିଲାରେ ମୋଟ ପାସ୍‌ହାର ୯୧.୨୩ ପ୍ରତିଶତ ରହିଛି। ଚଳିତବର୍ଷ ଛାତ୍ରମାନଙ୍କୁ ପଛରେ ପକାଇ ଛାତ୍ରୀମାନେ ଆଗରେ ରହିଥିବା ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ପ୍ରକାଶ ପାଇଥିବା ଫଳାଫଳ ଅନୁସାରେ, ଜିଲାରେ ଗ୍ରେଡ୍ ଏ-୧ ରେ ୩୨୯, ଏ-୨ରେ ୧୭୪୫, ବି-୧ରେ ୪୧୬୩, ବି-୨ରେ ୫୬୬୮, ସି ଗ୍ରେଡ୍‌ରେ ୫୧୯୬, ଡି ଗ୍ରେଡ୍‌ରେ ୨୯୫୭ ଓ ଇ ଗ୍ରେଡ୍‌ରେ ୮୭୩ ଜଣ ପାସ୍ କରିଛନ୍ତି। ଚଳିତବର୍ଷ ୧୦,୬୨୫ ଛାତ୍ରୀ ଓ ୧୦,୩୦୬ ଛାତ୍ର ମୋଟ ୨୦,୯୩୧ ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୩୩୪ ଜଣ ଫେଲ୍ ହୋଇଛନ୍ତି।

କୋଭିଡ୍ କଟକଣା ଯୋଗୁ ଗତ ଦୁଇବର୍ଷ ଧରି ପରୀକ୍ଷା ହୋଇ ନ ଥିଲା । ପୂର୍ବ ପରୀକ୍ଷାରେ ରଖିଥିବା ମାର୍କ ଅନୁଯାୟୀ ଗ୍ରେଡେଶନ କରାଯାଇଥିଲା । ଯାହାଦ୍ୱାରା ମେଧାବୀ ପିଲାମାନଙ୍କ ମଧ୍ୟରେ ମିଳିଥିବା ନମ୍ବରକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା । ପରୀକ୍ଷା ନ ହେବା କାରଣରୁ ଉପଯୁକ୍ତ ମାର୍କ ମିଳି ନ ଥିବା ଅଭିଯୋଗ କରିଥିବା କେତେକ ପିଲାଙ୍କ ପାଇଁ ପରେ ପରୀକ୍ଷା ଦେବାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଏଥର ମଧ୍ୟ ଅନ୍‌ଲାଇନ କିମ୍ବା ଅଫ୍‌ଲାଇନରେ ପରୀକ୍ଷା ହେବ ସେନେଇ ଛାତ୍ରୀଛାତ୍ର ଦ୍ୱନ୍ଦ୍ୱରେ ଥିଲେ। ଦୁଇବର୍ଷ ପରେ ଚଳିତବର୍ଷ ଅଫ୍‌ଲାଇନରେ ପରୀକ୍ଷା ହୋଇଥିବାରୁ ଜିଲାରେ ପରୀକ୍ଷାର୍ଥୀମାନଙ୍କ ମନରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିଲା । ମୋଟ ୨୧,୨୪୬ ପରୀକ୍ଷାର୍ଥୀ ୧୨୪ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଥିଲେ। ପରୀକ୍ଷା ସରିବା ପରେ ଭଲ ନମ୍ବର ରହିବ ବୋଲି ପରୀକ୍ଷାର୍ଥୀମାନେ ଆଶା ବାନ୍ଧିଥିଲେ। ଆଶାତୀତ ଫଳ ମିଳିଥିବାରୁ ଖୁସିବ୍ୟକ୍ତ କରିଛନ୍ତି।

## ମାଟ୍ରିକ୍ ପରୀକ୍ଷାରେ ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କ କୃତିତ୍ୱ

**କେନ୍ଦୁଝର, ୬।୭(ଡି.ଏନ୍.ଏ.):** ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଅନୁଦାନପ୍ରାପ୍ତ ଏବଂ କେନ୍ଦୁଝରର ମନୋଜ ମଞ୍ଜରୀ ଶିଶୁଭବନ ଦ୍ୱାରା ପରିଚାଳିତ ସିଦ୍ଧମଠସ୍ଥିତ ଦୃଷ୍ଟିହୀନ ବିଦ୍ୟାଳୟର ସମୁଦାୟ ୬ ଜଣ ଦୃଷ୍ଟିହୀନ ଛାତ୍ରୀଛାତ୍ର ମାଟ୍ରିକ୍ ପରିକ୍ଷା ଦେଇଥିଲେ। ସେମାନେ ହେଲେ ଅନିଲ ମହାକୁଡ, ବିକାଶ ମୁର୍ମୁ, ଜିତେନ ମୁଣ୍ଡା, କୃପାସିନ୍ଧୁ ଜେନା, ମିଲି ନାହକ ଓ ରୋହିଆ ସିଂହ। ସମସ୍ତ ଛାତ୍ରୀଛାତ୍ର ସ୍ଥାନୀୟ ମୋଟିବନ୍ଧ ନୋଡାଲ ହାଇସ୍କୁଲ କେନ୍ଦ୍ରରେ ପରୀକ୍ଷା ଦେଇଥିଲେ ଏବଂ ସେମାନେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ କୁମାର ରଥ ଓ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଛାତ୍ରୀଛାତ୍ରଙ୍କ ସଫଳତାରେ ସନ୍ତୋଷ ପ୍ରକାଶ କରିଛନ୍ତି। ମନୋଜମଞ୍ଜରୀ ଶିଶୁଭବନର ସମ୍ପାଦକ ସତ୍ୟନାରାୟଣ ମିଶ୍ର ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# କେନ୍ଦୁଝରରେ ପାସ୍ ହାର ୮୭.୭୩%

କେନ୍ଦୁଝର, ୬।୭ (ସ୍ୱ.ପ୍ର./ଡି.ଏନ.ଏ.)

ଚଳିତବର୍ଷର ବାର୍ଷିକ ହାଇସ୍କୁଲ ପରୀକ୍ଷାର ଫଳାଫଳ ବୁଧବାର ଘୋଷଣା ହୋଇଛି। ଏଥିରେ ଜିଲାର ଫଳାଫଳ ସନ୍ତୋଷଜନକ ହୋଇନାହିଁ ଏହା ରାଜ୍ୟ ହାରାହାରିଠାରୁ କମ ରହିଛି। ଜିଲାର ମୋଟ ୧୬୨ଟି ପରୀକ୍ଷା କେନ୍ଦ୍ର ପାଇଁ ୪୭୬ଟି ବିଦ୍ୟାଳୟର ୨୬,୦୭୭ ଜଣ ରେଗୁଲାର ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିଲେ ଓ ୨୬୮୮ ଜଣ ଅନୁପସ୍ଥିତ ଥିଲେ। ପରୀକ୍ଷା ଦେଇଥିବା ୨୩୩୮୯ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୨୮୭୭ଜଣ ଛାତ୍ରଛାତ୍ରୀ ପାସ ହୋଇଛନ୍ତି। ସେଥିମଧ୍ୟରୁ ୧୧୦୦୪ ଜଣ ବାଳକ ଏବଂ ୧୧୮୭୩ ଜଣ ବାଳିକା ପାସ କରିଛନ୍ତି। ଏ-୧ ଗ୍ରେଡରେ ୩୦୧ଜଣ, ଏ-୨ରେ ୨୪୦୨ଜଣ, ବି-୧ରେ ୪୬୧୭ଜଣ, ବି-୨ରେ ୬୦୪୨ଜଣ, ସି ଗ୍ରେଡରେ ୫୩୭୪ଜଣ, ଡି-ଗ୍ରେଡରେ ୩୨୩୮ଜଣ, ଇ-ଗ୍ରେଡରେ ୯୦୩ ଜଣ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଏଫ୍-ଗ୍ରେଡରେ ୫୦୬ ଜଣ ଅକୃତକାର୍ଯ୍ୟ ହୋଇଛନ୍ତି। ବୋର୍ଡ ପାସ ହାର ୯୦.୭୩ % ହୋଇଥିବାବେଳେ କେନ୍ଦୁଝରରେ ପାସ ହାର ୮୭.୭୩ % ହୋଇଛି। ସେହିପରି ଏକ୍ସରେଗୁଲାର ପରୀକ୍ଷାର୍ଥୀ ଭାବେ ୮୩ଟି ବିଦ୍ୟାଳୟରୁ ୧୩୯ଜଣ ଫର୍ମ ପୂରଣ କରିଥିଲେ। ସେଥିମଧ୍ୟରୁ ୩୨ଜଣ ଅନୁପସ୍ଥିତ ରହି ୧୦୭ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଏ-୧ ଏବଂ ଏ-୨ ଗ୍ରେଡରେ କୌଣସି ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇନଥିବାବେଳେ ବି-୧ରେ ୧ଜଣ, ବି-୨ରେ ୯ଜଣ, ସି ଗ୍ରେଡରେ ୨୧ଜଣ, ଡି ଗ୍ରେଡରେ ୨୯ଜଣ, ଇ ଗ୍ରେଡରେ ୧୬ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି ଓ ୩୧ଜଣ ଅକୃତକାର୍ଯ୍ୟ ହୋଇଛନ୍ତି। ଏକ୍ସରେଗୁଲାର ପରୀକ୍ଷାରେ ମୋଟ ୭୬ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବାବେଳେ ୩୯ ଜଣ ବାଳକ ଓ ୩୭ଜଣ ବାଳିକା କୃତକାର୍ଯ୍ୟ ହୋଇଛନ୍ତି। ଜିଲାରେ ଏକ୍ସରେଗୁଲାର ପରୀକ୍ଷାର୍ଥୀ ପାସ୍ ହାର ଜିଲାରେ ୫୪.୬୮ % ହୋଇଥିବା ଜଣାପଡିଛି। ପତ୍ର ବିନିମୟ ପାଠ୍ୟକ୍ରମରେ ରେଗୁଲାର ପରୀକ୍ଷାର୍ଥୀ ଭାବେ ଗୋଟିଏ କେନ୍ଦ୍ରରେ ୨୧ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ ସେଥିମଧ୍ୟରୁ ୯ଜଣ ବାଳକ ଓ ୧୦ଜଣ ବାଳିକାଙ୍କୁ ମିଶାଇ ମୋଟ ୧୯ଜଣ କୃତକାର୍ଯ୍ୟ ହୋଇଛନ୍ତି। ମୋଟ ପାସ ହାର ଜିଲାରେ ପତ୍ର ବିନିମୟ ପାଠ୍ୟକ୍ରମରେ ୯୦.୪୮ % ହୋଇଥିବା ଜଣାପଡିଛି।

## ବିଏନ୍ ହାଇସ୍କୁଲର ଫଳାଫଳ ନୈରାଶ୍ୟଜନକ

ଆନନ୍ଦପୁର,୬।୭(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡର ସର୍ବପୁରାତନ ଶିକ୍ଷାନୁଷ୍ଠାନ ବଳଭଦ୍ର ନାରାୟଣ ବାଳକ ଉଚ୍ଚ ବିଦ୍ୟାଳୟରେ ଚଳିତ ମାଟ୍ରିକ୍ ପରୀକ୍ଷା ଫଳ ଅତ୍ୟନ୍ତ ନୈରାଶ୍ୟଜନକ ହୋଇଛି। ଏହାକୁ ନେଇ ଅଭିଭାବକଙ୍କ ମହଲରେ ଅସନ୍ତୋଷ ମଧ୍ୟ ପ୍ରକାଶ ପାଇଛି। ବିଦ୍ୟାଳୟରେ ୬୩ ଜଣ ଛାତ୍ର ପରୀକ୍ଷା ଦେବା ପାଇଁ ପଞ୍ଜୀକୃତ ହୋଇଥିବାବେଳେ ୫ଜଣ ଅନୁପସ୍ଥିତ ଯୋଗୁ ୫୮ଛାତ୍ର ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ କେହି ଛାତ୍ର ଏ ୧ ଗ୍ରେଡ୍ ପାଇବାରେ ସଫଳ ହୋଇନାହାନ୍ତି। ଗ୍ରେଡ୍ ଏ୨ ରେ ମାତ୍ର ୩ ଜଣ ଛାତ୍ର ଉତ୍ତୀର୍ଣ୍ଣ ହୋଇଥିବାବେଳେ, ବି ୧ରେ ୧୦, ବି ୨ରେ ୧୭, ସିରେ ୧୮, ଡିରେ ୧୦ ଜଣ ଛାତ୍ର କୃତିତ୍ୱ ହାସଲ କରିଛନ୍ତି। ଅଧିକାଂଶ ଛାତ୍ର ବି ୨ ଓ ସି ଗ୍ରେଡ୍ ରଖିଥିବା ଦେଖିବାକୁ ମିଳିଛି। ଯାହାକି ନୈରାଶ୍ୟଜନକ ଫଳାଫଳ। ବିଦ୍ୟାଳୟର ଭିତ୍ତିଭୂମିର ବିକାଶ ଦିଗରେ ଯେଭଳି ପଦକ୍ଷେପ ଗ୍ରହଣ କରାଯାଇଛି, ଶୈକ୍ଷିକ ବାତାରଣ ବୃଦ୍ଧି ଦିଗରେ ସେଭଳି ପଦକ୍ଷେପ ଗ୍ରହଣ କରାଗଲେ ଛାତ୍ରମାନେ ଆଗାମୀ ଦିନରେ କୃତିତ୍ୱ ହାସଲ କରିପାରନ୍ତେ ବୋଲି ପୁରାତନ ଛାତ୍ର ଆଇନଜୀବୀ ଭାଗିରଥି ଦାଶ ପ୍ରକାଶ କରିଛନ୍ତି।

## 'ଭବିଷ୍ୟତରେ ବୈଜ୍ଞାନିକ ହେବି'



ଅଫ୍‌ଲାଇନ ପରୀକ୍ଷା ହେବା ଦ୍ୱାରା ପରିଶ୍ରମ ଅନୁସାରେ ନମ୍ବର ରହିଛି। ୫୬୪ ନମ୍ବର ରଖି ଏ-୧ରେ ମୁଁ କୃତକାର୍ଯ୍ୟ ହୋଇଛି। ବାପା କ୍ଷୀରୋଦ ଦାଶ ଓ ମା' ପାର୍ବତୀ ଦାଶ, ଶିକ୍ଷକ ଗୁରୁକଲ୍ୟାଣ ପାଣିଙ୍କ ଆଶୀର୍ବାଦ ଯୋଗୁ ମୁଁ ଏହି ସଫଳତା ପାଇଛି। ଭବିଷ୍ୟତରେ ବୈଜ୍ଞାନିକ ହେବା ପାଇଁ ଲକ୍ଷ୍ୟ ରହିଛି।

**-ସୁନୀତା ଦାଶ, ଦାଖା ଉଚ୍ଚ ବିଦ୍ୟାଳୟ, ଚାନ୍ଦବାଲି**

## ଆଇଆଇଟି ପଢ଼ିବି



-କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ସୁମିତ କୁମାର ପୃଷ୍ଟି ବ୍ଲକରେ ସର୍ବାଧିକ ୯୬.୧ % (୫୮୧) ନମ୍ବର ରଖି ଟପ୍ପର ହୋଇଛନ୍ତି । ସେ ତୁରୁମୁଙ୍ଗା ଗାଁ ଯୁଗଜ୍ୟୋତି ଆରତୀ ପୃଷ୍ଟିଙ୍କ ପୁଅ। ସେ ଭବିଷ୍ୟତରେ ଆଇଆଇଟିରେ ଅଧ୍ୟୟନ କରି ବୈଜ୍ଞାନିକ ହେବେ ବୋଲି କହିଛନ୍ତି। ତାଙ୍କର ସଫଳତାର ଶ୍ରେୟ ସେ ବିଦ୍ୟାଳୟର ଗୁରୁମା, ଗୁରୁଜୀ ଓ ତାଙ୍କ ମା'ବାପାଙ୍କୁ ଦେଇଛନ୍ତି।

**-ସୁମିତ କୁମାର ପୃଷ୍ଟି,ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର**

## ବାଲିଆପାଳ ବ୍ଲକରେ ବର୍ଷାରାଣୀ ୧ମ, ସାଇକିଷାନ ୨ୟ

ବାଲିଆପାଳ, ୬।୭(ସ୍ୱ.ପ୍ର.)-ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ବାଲିଆପାଳ ବ୍ଲକରେ ପଦ୍ମଲୋଚନ ହାଇସ୍କୁଲ ଛାତ୍ରୀ ବର୍ଷାରାଣୀ ଦେ ୫୮୪ ନମ୍ବର ରଖି ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସୁବର୍ଣ୍ଣରେଖା ହାଇସ୍କୁଲର ଛାତ୍ର ସାଇ କିସାନ ତ୍ରିପାଠୀ ୫୮୨ ରଖି ଦ୍ୱିତୀୟ ସ୍ଥାନରେ ଅଛନ୍ତି। ସୁବର୍ଣ୍ଣରେଖା ହାଇସ୍କୁଲର ଛାତ୍ରୀ ମୋନାଲିସା ରାଉତ ୫୭୬ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

## ଡାକ୍ତର ହୋଇ ସେବା କରିବି



ଚଳିତ ମାଟ୍ରିକ ପରୀକ୍ଷାରେ ଝୁମ୍ପୁରା ସରସତୀ ଶିଶୁ ବିଦ୍ୟାମନ୍ଦିରର ସନ୍ଦୀପ କୁମାର ପ୍ରଧାନ ୫୮୯ ମାର୍କ ରଖିଛନ୍ତି। ସେ ମିଳିଥିବା ମାର୍କକୁ ନେଇ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଜଣେ ଡାକ୍ତର ହୋଇ ଲୋକଙ୍କ ସେବା କରିବେ ବୋଲି ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ପରିବାର ଲୋକ, ବିଦ୍ୟାଳୟ ଶିକ୍ଷକ ତଥା ସାଙ୍ଗସାଥୀଙ୍କୁ ଶ୍ରେୟ ଦେଇଛନ୍ତି।

**ସନ୍ଦୀପ କୁମାର ପ୍ରଧାନ, ଝୁମ୍ପୁରା, କେନ୍ଦୁଝର**

